# NATIONAL NEWS BULLETIN (ODIA)

**4 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅନେକ ସାମଗ୍ରୀ ଓ ସେବା ଉପରେ ଜିଏସ୍‌ଟି ଟିକସ ହ୍ରାସକୁ ସ୍ୱାଗତ କରିଛନ୍ତି ସମସ୍ତ ବର୍ଗର ଲୋକ ।

  - ଜିଏସ୍‌ଟିର ୪ଟି ସ୍ଲାବକୁ ୨ଟି ସ୍ଲାବ ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ।

  - ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ହାର ଶୂନ ପ୍ରତିଶତକୁ ହ୍ରାସ ।

  - ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାରକୁ ସ୍ୱାଗତକଲେ କେନ୍ଦ୍ରମନ୍ତ୍ରୀ ଓ ଶିଳ୍ପ ସଂଗଠନ ।

- ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ଲାଗି ପଞ୍ଜାବରେ ପହଞ୍ଚିଲେ କେନ୍ଦ୍ର କୃଷିମନ୍ତ୍ରୀ ।

ଏବଂ

- ଏସିଆ କପ୍ ହକି ପ୍ରତିଯୋଗିତାର ସୁପର ଫୋର୍ ପର୍ଯ୍ୟାୟରେ ଆଜି ସଂଧ୍ୟାରେ ହେବ ଭାରତ-ମାଲେସିଆ ମଧ୍ୟରେ ମୁକାବିଲା ।

# ଜିଏସ୍‌ଟି-ହେଲ୍‌ଥ କେୟାର

ଜିଏସ୍‌ଟି ପରିଷଦ ସର୍ବସମ୍ମତି କ୍ରମେ ଦୈନନ୍ଦିନ ବ୍ୟବହାର ହେଉଥିବା ଅନେକଗୁଡ଼ିଏ ସାମଗ୍ରୀ ଓ ସେବାରେ ଜିଏସ୍‌ଟି ଦର ହ୍ରାସ କରି ଏହାକୁ ଶସ୍ତା କରିଛନ୍ତି । ଜିଏସ୍‌ଟି ପରିଷଦ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରି ଚାରିଥାକିଆ ଟିକସ ବ୍ୟବସ୍ଥାକୁ ଦୁଇଟିକିଆ ଟିକସ ବ୍ୟବସ୍ଥାରେ ସୀମିତ ରଖିଛନ୍ତି । ପୂର୍ବରୁ ୫, ୧୨, ୧୮ ଏବଂ ୨୮ ପ୍ରତିଶତ ଟିକସ ସ୍ଲାବକୁ କେବଳ ୫ ଏବଂ ୧୮ ପ୍ରତିଶତ ଟିକସ ସ୍ଲାବକୁ ହ୍ରାସ କରାଯାଇଛି । ଅନ୍ୟପକ୍ଷରେ ମାଦକଦ୍ରବ୍ୟ ଏବଂ କେତେକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ପରିଷଦ ୪୦ ପ୍ରତିଶତ ଟିକସ ସ୍ଲାବ ଲାଗୁ କରିଛନ୍ତି । ପ୍ରଥମ ଦିନର ଜିଏସ୍‌ଟି ପରିଷଦ ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଚଳିତମାସ ୨୨ ତାରିଖରୁ ଜିଏସ୍‌ଟିରେ ନୂତନ ଟିକସ ବ୍ୟବସ୍ଥା ଲାଗୁ ହେବ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୧୫ ତାରିଖ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଘୋଷଣା କରି କହିଥିଲେ ଯେ ଦେଶବାସୀଙ୍କୁ ଦୀପାବଳିରେ ଉପହାର ଖୁବ୍‌ଶୀଘ୍ର ଦିଆଯିବ ।

**V/O (PM)**

ଆମ ସମ୍ବାଦଦାତା ଜଣାଇଛନ୍ତି ଦେଶର ଜନସାଧାରଣଙ୍କ ଜୀବନଧାରାକୁ ସହଜ କରିବା ଲାଗି ଜିଏସ୍‌ଟି ପରିଷଦ ଅନେକଗୁଡ଼ିଏ ଦ୍ରବ୍ୟ ଓ ସେବା ଉପରୁ ଟିକସ ହ୍ରାସ କରିଛନ୍ତି । କେତେକ କ୍ଷେତ୍ରରେ ଟିକସ ପରିମାଣକୁ ସମ୍ପୂର୍ଣ୍ଣ ଛାଡ କରାଯାଇଛି ।

ଖାଦ୍ୟପଦାର୍ଥ, ଔଷଧ, କୃଷି ଉପକରଣ, କ୍ଷୁଦ୍ର କାର୍, ବାଇକ୍ ଏବଂ ଅନ୍ୟାନ୍ୟ କେତେକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ କରାଯାଇଥିବାବେଳେ ବ୍ୟକ୍ତିଗତ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସ୍‌ଟି ହାର ୧୮ ପ୍ରତିଶତରୁ ଶୂନ୍ୟକୁ ହ୍ରାସ କରାଯାଇଛି । ଏହାଦ୍ୱାରା ସାଧାରଣ ଲୋକେ ବୀମା କ୍ରୟ କରିପାରିବେ ଏବଂ ଅଧିକରୁ ଅଧିକ ବୀମା କଭରେଜ ମିଳିପାରିବ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ କର୍କଟ ଏବଂ ବିରଳ ରୋଗର ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ ସମେତ ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ହାର ସମ୍ପୂର୍ଣ୍ଣ ଛାଡ କରାଯାଇଛି । ସେହିଭଳି ଥର୍ମୋମିଟର, ଗ୍ଲୁକୋମିଟର ଏବଂ ଅନ୍ୟକେତେକ ମେଡ଼ିକାଲ ଉପକରଣ ଉପରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି, କେଶ ତୈଳ, ଟଏଲେଟ୍ ସାବୁନ୍, ସାବୁନ୍ ବାର୍, ସାମ୍ପୁ, ଟୁଥ୍‌ପେଷ୍ଟ, ସାଇକେଲ୍, ଟେବୁଲ୍‌ୱେର୍, ରୋଷେଇ ଘରକରଣା ସାମଗ୍ରୀ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଉପରେ ଜି.ଏସ୍.ଟି. ହାର କେବଳ ୫ ପ୍ରତିଶତ ରହିବ । ସେହିପରି ଅତ୍ୟଧିକ ତାପମାତ୍ରାରେ ପ୍ରସ୍ତୁତ କ୍ଷୀର, ଛେନା ଏବଂ ପନିର୍ ଉପରେ ଜି.ଏସ୍.ଟି. ହାର ୫ ପ୍ରତିଶତରୁ ଶୂନ୍ୟକୁ ହ୍ରାସ କରାଯାଇଥିବା ବେଳେ ପ୍ରତ୍ୟେକ ଭାରତୀୟ ରୁଟି ଉପରେ କୌଣସି ଜି.ଏସ୍.ଟି. ହାର ପଡ଼ିବ ନାହିଁ । ନମ୍‌କିନ୍, ଭୁଜିଆ, ସସ୍, ପାସ୍ତା, ଚକୋଲେଟ୍, କଫି, ସଂରକ୍ଷିତ ମାଂସ, କର୍ଣ୍ଣଫ୍ଲେକ୍ସ, ବଟର ଏବଂ ଘିଅ ଭଳି ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୨ ଓ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ସେ କହିଛନ୍ତି, ଏୟାର୍ କଣ୍ଡିସନିଂ ମେସିନ୍, ୩୨ ଇଞ୍ଚରୁ ଅଧିକ ଟେଲିଭିଜନ୍, ବାସନମଜା ମେସିନ୍, ଛୋଟ କାର୍ ଏବଂ ମୋଟର ସାଇକେଲ୍ ଉପରେ ଜି.ଏସ୍.ଟି. ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

ସେ କହିଛନ୍ତି, ସମସ୍ତ କୃଷି ଉପକରଣ ଉପରେ ଜି.ଏସ୍.ଟି. ୧୫ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

# ନଡ୍ଡା ହେଲ୍‌ଥ – ଜିଏସ୍‌ଟି

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଜିଏସ୍‌ଟି ସଂସ୍କାର ବିଷୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହ୍ରାସ କରାଯାଇଥିବା ଟିକସ ହାର ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ଦେଶର ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପ୍ରତି ଥିବା ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । ସେ କହିଛନ୍ତି ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ କରାଯାଇଛି । ଦେଶର ସମସ୍ତ ନାଗରିକ ଏହି ଟିକସ ହ୍ରାସ ଯୋଗୁଁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

# ବୈଷ୍ଣବ-ଜିଏସ୍‌ଟି ରିଆକ୍ସନ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜିଏସ୍‌ଟି ହ୍ରାସ ସମ୍ବନ୍ଧରେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଆଜି ଗୁରୁଗ୍ରାମ ସୋହନାଠାରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି ମଧ୍ୟବିତ୍ତ ଏବଂ କମ୍ ଆୟକାରୀ ପରିବାରଗୁଡ଼ିକ ଉପରେ ଜିଏସ୍‌ଟି ଟିକସ ହ୍ରାସ ଆର୍ଥିକ ବୋଝ ଦୂର କରିବାରେ ସହାୟକ ହେବ । ଜିଏସ୍‌ଟି ପରିଷଦର ଏହି ନିଷ୍ପତ୍ତିକୁ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି କହିବା ସହ ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟେକ ଭାରତୀୟ ପରିବାରକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ଖର୍ଚ୍ଚ ହ୍ରାସ ଭଳି ପଦକ୍ଷେପ ଗ୍ରହଣ କରି ସେମାନଙ୍କୁ ଲାଭ ଦେଇଛନ୍ତି । ସେ କହିଛନ୍ତି ଖାଦ୍ୟପଦାର୍ଥ, ଘରକରଣା ସାମଗ୍ରୀ, ଶିକ୍ଷଣ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଏବଂ କ୍ଷୁଦ୍ର କାର୍ ଓ ସ୍କୁଟର ଉପରେ ଜିଏସ୍‌ଟି ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ ।

**V/O (Baishnab)**

# ଇଣ୍ଡଷ୍ଟ୍ରି ରିଆକ୍ସନ-ଜିଏସ୍‌ଟି ରିଟର୍ଣ୍ଣ

ଜିଏସ୍‌ଟି ସଂସ୍କାର ପରେ ଶିଳ୍ପ ସଂଗଠନଗୁଡ଼ିକ ଏହାକୁ ସ୍ୱାଗତ କରିବା ସହ ଟିକସ ବ୍ୟବସ୍ଥାର ସରଳୀକରଣ ଯୋଗୁଁ ଆଗାମୀ ଦିନରେ ବ୍ୟବସାୟର ସହଜତା ସମସ୍ତଙ୍କୁ ମିଳିପାରିବ ବୋଲି କହିଛନ୍ତି । ଭାରତୀୟ ଶିଳ୍ପ ମହାସଂଘ ସି.ଆଇ.ଆଇ କହିଛି ଯେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ଦୁଇଟି ହାର ଏମ୍‌ଏସ୍‌ଏମ୍‌ଇ ପ୍ରକ୍ରିୟାକୁ ସରଳ କରିବ । ଜିଏସ୍‌ଟିରେ

ହୋଇଥିବା ପରିବର୍ତ୍ତନ ବ୍ୟକ୍ତିଗତ ଜୀବନ ଏବଂ ସ୍ୱାସ୍ଥ୍ୟବୀମାକୁ ଆହୁରି ଲୋକଙ୍କ ନିକଟବର୍ତ୍ତୀ କରିବ ବୋଲି ଶିଳ୍ପ ମହାସଂଘ କହିଛି । ଏହାଦ୍ୱାରା ଗ୍ରାହକମାନଙ୍କୁ ଅଧିକ ସୁବିଧା ମିଳିପାରିବ ବୋଲି କୁହାଯାଇଛି । ଦୈନନ୍ଦିନ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପରେ ଘୋଷଣା କରାଯାଇଥିବା ଟିକସ ହ୍ରାସ ଭାରତୀୟ ପରିବାରଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବା ସହ ଅଭିବୃଦ୍ଧିର ମୁଳଦୁଆକୁ ମଜଭୁତ କରିବ ।

ଅନ୍ୟପକ୍ଷରେ ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ମହାସଂଘ ଫିକି କହିଛି ଜିଏସ୍‌ଟି ସଂସ୍କାରଗୁଡ଼ିକ ପରୋକ୍ଷ ଟିକସ ବ୍ୟବସ୍ଥାର ପରିପକ୍ୱତାକୁ ପ୍ରତିଫଳିତ କରୁଛି । ଫିକିର ପୂର୍ବତନ ଅଧ୍ୟକ୍ଷ ସୁଭ୍ରକାନ୍ତ ପଣ୍ଡା କହିଛନ୍ତି ସରକାର ଗରିବ ଲୋକଙ୍କ କଲ୍ୟାଣ ପାଇଁ ଏକ ବଡ ପଦକ୍ଷେପ ଗ୍ରହଣ କରିବା ସହ ଯେଉଁ ଟିକସ ହାରରେ ପରିବର୍ତ୍ତନ କରିଛନ୍ତି ତାହା ଆତ୍ମନିର୍ଭର ଭାରତର ମୁଳଦୁଆକୁ ସୁଦୃଢ଼ କରିବ ।

## ପିଏମ୍ ପୋଷ୍ଟାଲ ସିଷ୍ଟମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତର ଡାକ ବ୍ୟବସ୍ଥା ଏବେ ବିଶ୍ୱର ସର୍ବବୃହତ୍ ବ୍ୟାଙ୍କିଂ ନେଟୱର୍କ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ନିକଟରେ ସେବା ପହଞ୍ଚାଉଛି ଏବଂ ମର୍ଯ୍ୟାଦାର ସହିତ କାର୍ଯ୍ୟ କରୁଛି । କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି ଦେଶର ପୋଷ୍ଟବ୍ୟାଙ୍କ ଆର୍ଥିକ ଅନ୍ତର୍ଭୁକ୍ତିର ପ୍ରତୀକ

ପାଲଟିଛନ୍ତି । ଶ୍ରୀ ସିନ୍ଧିଆ ଏକ ପୋଷ୍ଟରେ କହିଥିଲେ ଯେ ଭାରତୀୟ ପୋଷ୍ଟଅଫିସ ଏବଂ ଭାରତୀୟ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ ବିଶ୍ୱର ସବୁଠାରୁ ପୁରୁଣା ଡାକ ନେଟଓ୍ୱର୍କ ମଧ୍ୟରୁ ଗୋଟିଏ ଯାହା ବ୍ୟାଙ୍କିଂ ବ୍ୟବସ୍ଥାକୁ ଅତି ସହଜରେ ଲୋକମାନଙ୍କ ନିକଟରେ ପହଞ୍ଚାଇପାରୁଛନ୍ତି । ସେ କହିଛନ୍ତି ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ ୧୪୦କୋଟି ଲୋକଙ୍କ ଦ୍ୱାରଦେଶରେ ସେମାନଙ୍କର ସେବା ପହଞ୍ଚାଇ ବିଶ୍ୱାସର ପାତ୍ର ପାଲଟିଛନ୍ତି ।

## ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗାଭାଇ ଆଜି କାଠମାଣ୍ଡୁ ଗସ୍ତ କରିବେ । ସେଠାରେ ସେ ଭାରତ-ନେପାଳ ନ୍ୟାୟିକ ଆଲୋଚନାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଷ୍ଟିସ ଗାଭାଇଙ୍କର ଏହା ହେଉଛି ପ୍ରଥମ ନେପାଳ ଗସ୍ତ । ଆସନ୍ତାକାଲି ସେ କାଠମାଣ୍ଡୁରେ ନେପାଳ ପ୍ରଧାନ ବିଚାରପତି ଜଷ୍ଟିସ ପ୍ରକାଶମାନ୍ ସିଂହ ରାଉତଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଜଷ୍ଟିସ ଗାଭାଇ ବୌଦ୍ଧ ସାଂସ୍କୃତିକ ସହର ଲୁମ୍ବିନି ସହିତ କାଠମାଣ୍ଡୁର ପାଟନ ଏବଂ ପଶୁପତିନାଥ ଐତିହ୍ୟସ୍ଥଳ ପରିଦର୍ଶନ କରିବେ । ସୂଚନାଯୋଗ୍ୟ ୨୦୨୪ ମସିହାରେ

ଭାରତର ପୂର୍ବତନ ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ ନେପାଳକୁ ତିନିଦିନିଆ ସରକାରୀ ଗସ୍ତ କରିଥିଲେ ।

# ପଞ୍ଜାବ ଏଗ୍ରିକଲଚର ମିନିଷ୍ଟର

ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିବା ଲାଗି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ପଞ୍ଜାବରେ ପହଞ୍ଚିଛନ୍ତି । ଆମ ଜଳନ୍ଧର ସମ୍ବାଦଦାତା ଜଣାଇଛନ୍ତି ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କାଟାରିଆ ୫ଟି ଜିଲ୍ଲାରେ ବନ୍ୟାର ପ୍ରକୋପ ସମ୍ପର୍କିତ ଏକ ରିପୋର୍ଟ କୃଷିମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଏହି ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ୫ଟି ଜିଲ୍ଲା ହେଉଛି ଅମୃତସର, ପଠାନକୋଟ, ଗୁରୁଦାସପୁର, ତାରାନତରନ ଏବଂ ଫିରୋଜପୁର । ସେହିସବୁ ଅଞ୍ଚଳରେ ଧନଜୀବନ ନଷ୍ଟ ସହ ଭିତ୍ତିଭୂମି ଓ ରିଲିଫ ଏବଂ ଉଦ୍ଧାରକାର୍ଯ୍ୟ ସମ୍ପର୍କରେ ସେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

ଶ୍ରୀ ଚୌହ୍ୱାନ ଆଜି ଦିନିକିଆ ଗସ୍ତରେ ଯାଇ ପଞ୍ଜାବରେ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଭାବିତ ଅଞ୍ଚଳ ଗୁଡ଼ିକ ପାଇଁ ଯାହା ତୁରନ୍ତ ଆବଶ୍ୟକ ସେ ସମ୍ପର୍କରେ କୃଷିମନ୍ତ୍ରୀ ସମୀକ୍ଷା କରିବେ । ଶ୍ରୀ ଚୌହ୍ୱାନ ଅମୃତସର, ଗୁରୁଦାସପୁର ଏବଂ କପୁରତାଲା ପରିଦର୍ଶନ କରିବା ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଚୌହ୍ୱାନ କହିଛନ୍ତି କେନ୍ଦ୍ର ସରକାର ଉଦ୍ଧାର ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଏବଂ ଅନ୍ୟ ସମସ୍ତ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ ଅଛନ୍ତି ।

**V/O (Shivraj Singh Chouhan)**

# ଏସିଆକପ୍ ରେଜଲ୍ଟ

ବିହାରର ରାଜଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସ ଷ୍ଟାଡିୟମ୍‌ରେ ଭାରତ ଏବଂ କୋରିଆ ମଧ୍ୟରେ ଗତକାଲି ଅନୁଷ୍ଠିତ ଏସିଆକପ୍ ହକି ପ୍ରତିଯୋଗିତାର ଦ୍ୱିତୀୟ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍ ୨-୨ ଗୋଲ୍‌ରେ ଅମିମାଂଶିତ ରହିଥିଲା । ଖେଳର ପ୍ରଥମାର୍ଦ୍ଧରେ ଭାରତ ୧-୦ରେ ଅଗ୍ରଣୀ ଥିବାବେଳେ କୋରିଆ ପେନାଲ୍ଟି ଷ୍ଟ୍ରୋକ୍ ଏବଂ ପେନାଲ୍ଟି କର୍ଣ୍ଣରକୁ ସଫଳତାର ସହ ଗୋଲ୍‌ରେ ପରିଣତ କରିଥିଲା । ପରେ ଭାରତର ମନ୍‌ଦୀପ ସିଂହ ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୨-୨ରେ ସମାନ କରିଥିଲେ । ଭାରତ ପରବର୍ତ୍ତି ସୁପର ଫୋର୍ ପର୍ଯ୍ୟାୟରେ ଆଜି ସନ୍ଧ୍ୟା ୭ଟା ୩୦ରେ ମାଲେସିଆ ସହ ମୁକାବିଲା କରିବ ।